มହମ୍ମଦ ୟୁନୁସ

ବନାମ

ଗୁଜରାଟ ରାଜ୍ୟ

ଅକ୍ଟୋବର 15,1997

[ଜି.ଏନ୍. ରାୟ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଆତଙ୍କବାଦୀ ଏବଂ ବିଘଟନକାରୀ କାର୍ଯ୍ୟକଳାପ (ପ୍ରତିରୋଧ) ଅଧିନିୟମ 1987: ଧାରା 20A, 3 ଏବଂ 5 ।*

*ଟିଏଡ଼ିଏ ଅଭିଯୁକ୍ତ— ଧାରା 3 ଏବଂ 5 ଅନୁଯାୟୀ ଦୋଷାରୋପ— ବ୍ୟବସ୍ଥା ଲାଗୁ କରିବା ପାଇଁ ପୂର୍ବ ସର୍ତ୍ତ— ଅପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ବୈଧାନିକ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମୋଦନ— ପାଳନ କରିବାରେ ବିଫଳତା— ପ୍ରଭାବ ।*

*ଅଭିଯୁକ୍ତ ଅପିଲକାରୀ ଧାରା 3 ଏବଂ 5 ଅନୁଯାୟୀ ଦୋଷୀ— ଧାରା 20A(1) ଅଧୀନରେ ଆବଶ୍ୟକତା ଅନୁଯାୟୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପୂର୍ବ ଅନୁମୋଦନ ପ୍ରାପ୍ତ ହୋଇନାହିଁ— ଧାରା 20Aର ବାଧ୍ୟତାମୂଳକ ବ୍ୟବସ୍ଥାଗୁଡ଼ିକର ଅନୁପାଳନ ନକରିବା ପାଇଁ ଦୋଷାରୋପ ଛାଡ଼ କରିବା ପାଇଁ ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ— ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟର ପ୍ରତ୍ୟାଖ୍ୟାନ— ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଅପିଲ— ଦର୍ଶାଯାଇଛି, ବୈଧାନିକ ଅଧିକାରୀଙ୍କର ପୂର୍ବାନୁମୋଦନ ବାଧ୍ୟତାମୂଳକ— ଏପରି ଅନୁମତି ଲିଖିତ ଭାବେ ହେବା ଉଚିତ— ମୌଖିକ ଅନୁମତି ଗ୍ରହଣ କରାଯାଇପାରିବ ନାହିଁ— ତଥ୍ୟ ଆଧାରରେ ମୌଖିକ ଅନୁମତି ମଧ୍ୟ ଦିଆଯାଇ ନଥିଲା ।*

*ଅନିରୁଦ୍ଧସିନଜି କରନସିଂହଜି ଜାଡେଜା ଏବଂ ଅନ୍ୟଜଣେ ବନାମ ଗୁଜରାଟ ରାଜ୍ୟ,* **AIR (1995) 5 SC 2390, ଉଦ୍ଧୃତ କରାଯାଇଛି ।**

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାର: ଫୌଜଦାରୀ ଅପିଲ ସଂଖ୍ୟା 741/1997 ।

ଟି.ସି.ସି. ସଂଖ୍ୟା 3/1996ରେ ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟ, ଅହମ୍ମଦାବାଦର ତା21.4.97ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଡବ୍ଲ୍ୟୁ.ଏ. ଅନସାରୀ, କେ.ଏମ୍.ଏମ୍. ଖାନ, ଶୁୟାବ ଅର୍ଶୀ ଏବଂ ଏନ୍.ଏ. ସିଦ୍ଦିକି ।

ଉତ୍ତରଦାତାଙ୍କ ପାଇଁ ଡଃ ଘାଟାଟେ ଏବଂ ସୁଶ୍ରୀ ଏଚ୍. ୱାହି ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ଅପିଲରେ, ଟିଏଡ଼ିଏର ଧାରା 20Aର ବାଧ୍ୟତାମୂଳକ ବ୍ୟବସ୍ଥାଗୁଡିକର ଅନୁପାଳନ ନକରିବା କାରଣରୁ ଅହମ୍ମଦାବାଦ ଜିଲ୍ଲାର ରାଖିଆଲ ଥାନାର ଆଇ.ସି.ଆର୍. ସଂଖ୍ୟା 94/93ରୁ ଉତ୍ପନ୍ନ ଆତଙ୍କବାଦୀ ଅପରାଧିକ ମାମଲା ସଂଖ୍ୟା 3/96ରେ ଆତଙ୍କବାଦୀ ଏବଂ ବିଘଟନକାରୀ କାର୍ଯ୍ୟକଳାପ (ପ୍ରତିରୋଧ) ଅଧିନିୟମ, 1987 (ସଂକ୍ଷେପରେ ଟିଏଡ଼ିଏ)ର ଧାରା 3 ଏବଂ 5 ଅନୁଯାୟୀ ଅଭିଯୋଗ ପ୍ରତ୍ୟାହାର ପାଇଁ ଅପିଲକାରୀଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ତା21 ଅପ୍ରିଲ, 1997ରିଖର ଅତିରିକ୍ତ ଦାୟିତ୍ୱପ୍ରାପ୍ତ ବିଚାରପତି, ଅହମ୍ମଦାବାଦଙ୍କ ପ୍ରତ୍ୟାଖ୍ୟାନ କରାଯାଇଥିବା ଆଦେଶକୁ ଆପତ୍ତି କରାଯାଇଛି ।

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା, *ଅନିରୁଦ୍ଧସିନଜି କରନସିଂହଜି ଜଡ଼େଜା ଏବଂ ଅନ୍ୟଜଣେ ବନାମ ଗୁଜରାଟ ରାଜ୍ୟ*, AIR (1995) 5 SC 2390 ମାମଲାରେ ଏହି ନ୍ୟାୟାଳୟଙ୍କର ତିନିଜଣ ବିଚାରପତି ବିଚାରପୀଠଙ୍କ ନିଷ୍ପତ୍ତିକୁ ଉଲ୍ଲେଖ କରିଛନ୍ତି । ଉକ୍ତ ନିଷ୍ପତ୍ତିରେ ଦର୍ଶାଯାଇଛି ଯେ, ଟିଏଡ଼ିଏର ଧାରା 20Aର ଉପ-ଧାରା (1) ଏବଂ ଟିଏଡ଼ିଏର ଧାରା 20Aର ଉପ-ଧାରା (2)ର ବ୍ୟବସ୍ଥାଗୁଡ଼ିକର ଅନୁପାଳନରେ ଟିଏଡ଼ିଏ ଅଧୀନରେ ଅପରାଧକୁ ସଂଜ୍ଞାନକୁ ନିଆଯାଇପାରିବ । ଟିଏଡ଼ିଏର ଧାରା 20Aର ଉପଧାରା (1)ରେ ନିମ୍ନଲିଖିତ ବ୍ୟବସ୍ଥା ରହିଛି:

> "20-A(1) 'ସଂହିତାରେ ଯାହା କିଛି ଥିବା ସତ୍ତ୍ୱେ, ଏହି ଅଧିନିୟମ ଅନୁଯାୟୀ କୌଣସି ଅପରାଧ ସଂଘଟିତ ହେବା ବିଷୟରେ କୌଣସି ସୂଚନା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପୂର୍ବ ଅନୁମୋଦନ ବିନା ଆରକ୍ଷୀ ବିଭାଗ ଦ୍ୱାରା ନଥିଭୁକ୍ତ କରାଯିବ ନାହିଁ ।"

ବିଜ୍ଞ ଅଧିବକ୍ତା ଯୁକ୍ତି କରିଛନ୍ତି ଯେ, ଏହି ମାମଲାରେ ଟିଏଡ଼ିଏର ଧାରା 20Aର ଉପଧାରା (1)ରେ ନିର୍ଭର କରାଯାଇଥିବା ବୈଧାନିକ କର୍ତ୍ତୃପକ୍ଷ, ଟିଏଡ଼ିଏ ଅଧୀନରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ କୌଣସି ପୂର୍ବାନୁମୋଦନ ଦେଇନାହାଁନ୍ତି । ତେଣୁ ଟିଏଡ଼ିଏ ଅଧୀନରେ ଦୋଷାରୋପ କରାଯାଇପାରିବ ନାହିଁ ।

ତଥାପି, ଅଭିଯୋଜନଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ଯେଉଁ ତାରିଖରେ ଏହି ମାମଲାର ତଦନ୍ତ କରାଯାଇଥିଲା, ସେହି ଦିନ ହିଁ ଅହମ୍ମଦାବାଦର ଆରକ୍ଷୀ ଆୟୁକ୍ତ ଉପସ୍ଥିତ ଥିଲେ

ଏବଂ ସେ ଟିଏଡ଼ିଏର ଧାରା 20A (1) ଅନୁଯାୟୀ ମୌଖିକ ଅନୁମତି ଦେଇଥିଲେ । ଆମେ ଏଠାରେ ସୂଚାଇ ପାରିବା ଯେ, ଟିଏଡ଼ିଏର ବ୍ୟବସ୍ଥା ଅନୁଯାୟୀ ଆରମ୍ଭ ହୋଇଥିବା ଏକ ଅପରାଧିକ ମାମଲାରେ ଥିବା ଗୁରୁତର ପରିଣାମକୁ ବିଚାରକୁ ନେଲେ ମୌଖିକ ଅନୁମତି ଗ୍ରହଣ କରାଯାଇପାରିବ ନାହିଁ । ଆମ ମତରେ, ଧାରା 20A (1)ର ଅର୍ଥର ଏପରି ବ୍ୟାଖ୍ୟା ହେବା ଉଚିତ ଯେ, ଉକ୍ତ ଉପଧାରାରେ ଦର୍ଶାଯାଇଥିବା ବୈଧାନିକ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମୋଦନ ଲିଖିତ ଭାବେ ହେବା ଆବଶ୍ୟକ, ଯାହାଦ୍ୱାରା ବୈଧାନିକ କର୍ତ୍ତୃପକ୍ଷଙ୍କ କାର୍ଯ୍ୟରେ ସ୍ୱଚ୍ଛତା ରହିବ ଏବଂ ପରବର୍ତ୍ତୀ ସମୟରେ ମୌଖିକ ଅନୁମତି ପ୍ରବର୍ତ୍ତନ ଦ୍ୱାରା କୌଣସି ଫନ୍ଦିର ସୁଯୋଗ ରହିବ ନାହିଁ ।

ଏହା ବ୍ୟତୀତ, ମାମଲାର ତଥ୍ୟ ଦୃଷ୍ଟେ ଆମର ଏହା ଦର୍ଶାଇବାରେ କୌଣସି ଦ୍ୱିଧା ନାହିଁ ଯେ, ମୌଖିକ ଅନୁମତି ମଧ୍ୟ ଦିଆଯାଇ ନଥିଲା । ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା ଡଃ ଘାଟାଟେ, ରାଖିଆଲ ଥାନାର ସିଆର୍ 1-94/93 ସମ୍ବନ୍ଧରେ ଟିଏଡ଼ିଏର ଧାରା 3 ଏବଂ 5କୁ ଆବାହନ କରିବା ପାଇଁ ଦୁଇଟି ଦସ୍ତାବିଜ ଯଥା, ଏସିପି ଅପରାଧ ଶାଖା ଅହମ୍ମଦାବାଦଙ୍କ ଦ୍ୱାରା ଅପରାଧ ଶାଖା, ଅହମ୍ମଦାବାଦ ସହରର ଉପଆୟୁକ୍ତଙ୍କୁ ସମ୍ବୋଧିତ ହୋଇଥିବା ଚିଠି ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଚିଠି ତା11 ଅଗଷ୍ଟ 1994ରିଖର ଅଟେ । ଉକ୍ତ ଚିଠିରେ ଏକ ଅନୁରୋଧ କରାଯାଇଥିଲା ଯେ, ଚିଠିରେ ଦର୍ଶାଯାଇଥିବା ତଥ୍ୟରେ ଟିଏଡ଼ିଏର ଧାରା 3 ଏବଂ 5କୁ ଆବାହନ କରିବା ଆବଶ୍ୟକ ଏବଂ ସେହି ଅନୁଯାୟୀ ଅନୁମୋଦନ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା । ଡଃ ଘାଟଟେଙ୍କ ଦ୍ୱାରା ଆମ ସମ୍ମୁଖରେ ରଖାଯାଇଥିବା ଅନ୍ୟ ଦସ୍ତାବିଜଟି ହେଉଛି ଅପରାଧ ଶାଖା, ଅହମ୍ମଦାବାଦର ଏ.ସି.ପି.ଙ୍କ ଦ୍ୱାରା କରାଯାଇଥିବା ଅନୁରୋଧ ଆଧାରରେ ଡି.ସି.ପି.ଙ୍କ ଦ୍ୱାରା ଦିଆଯାଇଥିବା ଅନୁମତି । ଏଥିରୁ ପ୍ରତୀତ ହୁଏ ଯେ, 11.8.94ରେ ଅହମ୍ମଦାବାଦ ସହରର ଆରକ୍ଷୀ ଅପରାଧ ଶାଖାର ଉପଆୟୁକ୍ତ ଶ୍ରୀ ଏ.କେ. ସୁରୋଲିଆଙ୍କ ଦ୍ୱାରା ଏପରି ଅନୁମତି ପ୍ରଦାନ କରାଯାଇଥିଲା ଏବଂ ଏହିପରି ଅନୁମତି ମଞ୍ଜୁର ହୋଇଅଛି:

'ତେଣୁ, ଯତ୍ନ ସହକାରେ ବିଚାର କରିବା ପରେ ମୁଁ ଏହା ଉପଯୁକ୍ତ ବୋଲି ବିବେଚନା କରେ ଯେ, ଏହି ମାମଲାରେ ଆତଙ୍କବାଦୀ ଏବଂ ବିଘଟନକାରୀ କାର୍ଯ୍ୟକଳାପ (ପ୍ରତିରୋଧ) ଅଧିନିୟମ, 1987 (ସଂକ୍ଷେପରେ ଟିଏଡ଼ିଏ)ର ପ୍ରାସଙ୍ଗିକ ବ୍ୟବସ୍ଥାକୁ ଏଫ୍‌ଆଇଆର୍ ରେ ପ୍ରୟୋଗ କରାଯିବ ଏବଂ ତେଣୁ ମୁଁ ଏଥିପାଇଁ ଅନୁମତି ପ୍ରଦାନ କରୁଛି ।'

ପରିଦୃଶ୍ୟମାନ ଭାବେ ଏପରି ଚିଠି ସୂଚିତ କରେ ଯେ, ଆରକ୍ଷୀ ଆୟୁକ୍ତଙ୍କ ଦ୍ୱାରା ବିବାଦୀୟ କଥିତ ମୌଖିକ ଅନୁମତି ମଞ୍ଜୁର ହୋଇ ନାହିଁ, ନଚେତ୍ ଆରକ୍ଷୀ ଆୟୁକ୍ତ, ଅଧୀନସ୍ଥ କର୍ତ୍ତୃପକ୍ଷ ଯଥା, ଆରକ୍ଷୀ ଉପଆୟୁକ୍ତଙ୍କ ଠାରୁ ଅନୁମତି ମାଗିବାର ଏବଂ ଏହିପରି ଅଧୀନସ୍ଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମତିର ଆନୁଷଙ୍ଗିକ ଅନୁଦାନର କୌଣସି ସୁଯୋଗ ନଥାନ୍ତା । ଯେହେତୁ ଟିଏଡ଼ିଏର ଧାରା 20A(1)ର ବାଧ୍ୟତାମୂଳକ ବ୍ୟବସ୍ଥା ପାଳନ କରାଯାଇନାହିଁ, ଟିଏଡ଼ିଏର ଧାରା 3 ଏବଂ 5ର ବ୍ୟବସ୍ଥା ଅନୁଯାୟୀ ଅଭିଯୋଗ, ଉକ୍ତ ଅପରାଧିକ ମାମଲା ତିଷ୍ଠି ରହିପାରିବ ନାହିଁ । ତେଣୁ, ଟିଏଡ଼ିଏର ବ୍ୟବସ୍ଥାଗୁଡ଼ିକର ଏପରି ଆବାହନକୁ ରଦ୍ଦ କରାଯାଇଛି । ତେବେ ଏହା ସ୍ପଷ୍ଟ କରାଯାଇଛି ଯେ, ଟିଏଡ଼ିଏର ବ୍ୟବସ୍ଥା ଲାଗୁ କରିବା ପାଇଁ ଅନିରୁଦ୍ଧ ସିଂହଜୀଙ୍କ ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିର ଅନୁଚ୍ଛେଦ 16ରେ ସୂଚିତ ହୋଇଥିବା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷ ସ୍ୱାଧୀନ ରହିବେ । ଆମେ ଏହା ସ୍ପଷ୍ଟ କରୁଛୁ ଯେ, ମାମଲାର ତଥ୍ୟଦୃଷ୍ଟେ, ଟିଏଡ଼ିଏର ଧାରା 3 ଏବଂ 5 ଅନୁଯାୟୀ ଏକ ମାମଲା ପ୍ରସ୍ତୁତ କରାଯାଇଛି କି ନାହିଁ ତାହା ଆମେ ବିଚାର କରିନାହୁଁ କାରଣ ଏହିପରି ବ୍ୟବସ୍ଥାଗୁଡ଼ିକୁ ଆବାହନ କରିବା ପାଇଁ ପୂର୍ବ ସର୍ତ୍ତ ପାଳନ କରାଯାଇ ନଥିଲା । ତେଣୁ ଏପରି ପ୍ରଶ୍ନକୁ ଉପଯୁକ୍ତ ପର୍ଯ୍ୟାୟରେ ବିଚାର କରିବା ପାଇଁ ମୁକ୍ତ ରଖାଯାଇଛି । ସେହି ଅନୁଯାୟୀ ଏହି ଅପିଲକୁ ପରିସମାପ୍ତ କରାଗଲା ।

ଟି.ଏନ୍.ଏ. ଅପିଲ ପରିସମାପ୍ତ ହୋଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।